## ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୈଶଲ୍ୟା ଯୋଜନା ଅନ୍ତର୍ଗତ ଅଭିଭାବକ ବୈଠକ ଅନୁଷ୍ଠିତ ।

ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୈଶଲ୍ୟା ଯୋଜନା ଅନ୍ତର୍ଗତ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଂକର ସ୍ୱାଇଁ ଅଧ୍ୟକ୍ଷତା କରି ଏହି ଯୋଜନାରେ ଜିଲ୍ଲାର ଗ୍ରାମୀଣ ଯୁବକ ଯୁବତୀ କିପରି ଅଧିକ କୁଶଳୀ ଓ ସ୍ୱାବଲମ୍ବୀ ହୋଇପାରିବେ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସେ ବିଭାଗୀୟ ଅଧିକାରୀଂକୁ ପରାମର୍ଶ ଦେଇଛନ୍ତି । ଆଜିର ପ୍ରତିଯୋଗିତା ପୂର୍ଣ୍ଣ ନିଯୁକ୍ତି ପରିବେଶରେ ଜିଲ୍ଲାର ଯୁବକ ଯୁବତୀମାନଂକୁ ବଜାରର ଆବଶ୍ୟକତା ଅନୁଯାୟୀ କୁଶଳୀ ହେବାକୁ ପଡିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଯୁବକ ଯୁବତୀମାନେ ନିଜେ ସ୍ୱାବଲମ୍ବୀ ହେଲେ ପରିବାର ପ୍ରତି ପୋଷଣ କରିବା ସହିତ ସ୍ଥାନୀୟ ଅର୍ଥନୀତି ସମୃଦ୍ଧ ହେବ ବୋଲି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ ପ୍ରକାଶ କରିଛନ୍ତି । ୨୦୧୯-୨୦ ଆର୍ଥିକ ବର୍ଷରେ ଜିଲ୍ଲାର ୬ହଜାର ୧୦୪ ଜଣଂକୁ ମୋବିଲାଇଜ୍ କରାଯାଇଥିଲା ବେଳେ ୮୪୧ ଜଣ ତାଲିମ ଗ୍ରହଣ କରିଥିଲେ ଏବଂ ସେଥିମଧ୍ୟରୁ ୫୮୦ ଜଣ ନିଯୁକ୍ତି ପାଇଥିଲେ । ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ କୋଭିଡ କଟକଣା ମଧ୍ୟରେ ୧୭୧୭ ଜଣଂକୁ ମୋବିଲାଇଜ୍ କରାଯାଇଥିଲା ବେଳେ ୩୪୧ ଜଣ ତାଲିମ ଗ୍ରହଣ କରିଥିଲେ ଏବଂ ୫ ଜଣ ନିଯୁକ୍ତି ପାଇଛନ୍ତି ବୋଲି ଓରମାସର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୌରଭମୟ ଦାସ ଏହି ବୈଠକରେ ସୂଚନା ଦେଇଥିଲେ । ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଅଭିଭାବକମାନେ ତାଂକର ପୁଅ ଝିଅ ମାନେ ସ୍ୱାବଲମ୍ବୀ ହେବା ଦ୍ୱାରା ପରିବାର ସୁଦୃଢ ହୋଇ ପାରିଛି ବୋଲି ପ୍ରକାଶ କରିଥିଲେ । ଏହି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱ ରଂଜନ ରଥ,ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ଶ୍ରୀ ମହେଶ୍ୱର ଗୌଡ, ମିଶନ ଶକ୍ତିର ଡିପିସି ଶ୍ରୀ ବସନ୍ତ ମଲ୍ଲିକ , ପ୍ରକଳ୍ପ ସଂଯୋଜକ ଓଡିଶା ଜୀବିକା ମିଶନ ଶ୍ରୀ ଚନ୍ଦନ କୁମାର ବେହେରା ଓ ମହିଳା ପଲିଟେକନିକ ମହାବିଦ୍ୟାଳୟର ପ୍ରଶିକ୍ଷିକା ଲୋପାମୁଦ୍ରା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

